# ୧୮ରେ ବର୍ଷା-ଅନୁଭବଙ୍କ ମଧ୍ୟରେ ମେଡିଏଶନ

ନୂଆଦିଲ୍ଲୀ, ୧୧।୧୧(ବ୍ୟୁରୋ)

କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଏବଂ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଛାଡ଼ପତ୍ର ମାମଲାର ଆପୋସ ବୁଝାମଣା ନିମନ୍ତେ ଆସନ୍ତା ୧୮ତାରିଖରେ ମେଡିଏଶନ(ମଧ୍ୟସ୍ଥତା) କରାଯିବ। ସୁପ୍ରିମକୋର୍ଟଙ୍କ ମେଡିଏଶନ ସେଣ୍ଟର ଏହି ନିଷ୍ପତ୍ତି ନେଇଛି। ଏହି ମଧ୍ୟସ୍ଥତା ଅପରାହ୍ନ ୩ଟାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କରାଯିବ। ଏନେଇ ଉଭୟ ପକ୍ଷଙ୍କୁ ଜଣାଇଦେବାକୁ ସେମାନଙ୍କ ଓକିଲଙ୍କୁ ସୂଚନା ଦିଆଯାଇଛି। ମଧ୍ୟସ୍ଥତା ସମୟରେ ଅନୁଭବ-ବର୍ଷା ଦମ୍ପତି ଯେପରି ଆପୋସ ବୁଝାମଣାରେ ସେମାନଙ୍କ ସୁଖଦାମ୍ପତ୍ୟ ଜୀବନ ବିତାଇ ପାରିବେ, ସେନେଇ ଚେଷ୍ଟା କରାଯିବ ବୋଲି ମଧ୍ୟସ୍ଥତା କେନ୍ଦ୍ର ପକ୍ଷରୁ କୁହାଯାଇଛି। ପୂର୍ବରୁ ଅନୁଭବଙ୍କ ଓକିଲ ଅଶ୍ୱିନୀ କୁମାର ଦୁବେ ବର୍ଷାଙ୍କ ଓକିଲଙ୍କ ସହ ଆଲୋଚନା କରି ନଭେମ୍ବର ୧୫ରେ ମଧ୍ୟସ୍ଥତା କରିବାକୁ ଠିକ୍ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହାକୁ ୧୮ ତାରିଖକୁ ଘୁଞ୍ଚାଯାଇଛି। ସୁପ୍ରିମକୋର୍ଟରେ ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୮ରେ ହେବ। ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଅନୁଭବ ପତ୍ନୀ ବର୍ଷାଙ୍କ ବିରୋଧରେ ଛାଡ଼ପତ୍ର ମାମଲା ରୁଜୁ କରିଥିଲେ। ହେଲେ ବର୍ଷା ଉକ୍ତ ମାମଲାକୁ ଦିଲ୍ଲୀରୁ କଟକ ଫାମିଲି କୋର୍ଟକୁ ସ୍ଥାନାନ୍ତର କରିବାକୁ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ଗତ ଅକ୍ଟୋବର ୧୬ରେ ବିଚାରପତି ହୃଷୀକେଶ ରାୟଙ୍କ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି ଉଭୟ ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ମଧ୍ୟସ୍ଥତା କେନ୍ଦ୍ର ଜରିଆରେ ଆପୋସ ବୁଝାମଣା କିପରି କରାଯାଇପାରିବ ସେନେଇ ପ୍ରସ୍ତାବ ଦେଇଥିଲେ।




## ଦଶଦିନିଆ ଆନ୍ଦୋଳନକୁ ଓହ୍ଲାଇଲେ ସେବାୟତ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ):** ମନ୍ଦିର ଖୋଲିବା ଦାବିରେ ବୁଧବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସେବାୟତ। ସକାଳ ୯ଟାରେ ରାଜ୍ୟର ସମସ୍ତ ମଠ ଓ ମନ୍ଦିର ସମ୍ମୁଖରେ ୯ ମିନିଟ୍ ପାଇଁ ଘଣ୍ଟ ବଜାଇ ଅଭିନବ ପ୍ରତିବାଦ ଆରମ୍ଭ କରିଛନ୍ତି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏପରି ଘଣ୍ଟ ବଜାଇ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବ ଓଡ଼ିଶା ସେବାୟତ ସଂଘ।

କରୋନା ପାଇଁ ଦୀର୍ଘଦିନ ହେବ ରାଜ୍ୟର ମଠ, ମନ୍ଦିର, ଧର୍ମାନୁଷ୍ଠାନ ଆଦି ବନ୍ଦ ରହିଛି। ଏଥିଯୋଗୁ ପୂଜକ, ସେବାୟତ ଓ ମନ୍ଦିର ଉପରେ ନିର୍ଭର କରି ଚଳୁଥିବା ବହୁ ପରିବାର ଦୁର୍ଦ୍ଦଶା ଭିତରେ କାଳାତିପାତ କରୁଛନ୍ତି। ଏବେ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେଉଥିବାବେଳେ ଅନ୍ୟସବୁ କ୍ଷେତ୍ରରେ କଟକଣା କୋହଳ ହୋଇଛି। ହେଲେ ସଂକ୍ରମଣ ବଢ଼ିଯିବା ଆଶଙ୍କାରେ ରାଜ୍ୟ ସରକାର ମନ୍ଦିର ଖୋଲିବାକୁ ଅନୁମତି ଦେଉନାହାନ୍ତି। ଦୋକାନ, ବଜାର ଭଳି କଟକଣା ସହ ମନ୍ଦିର ଖୋଲିବାକୁ ସେବାୟତ ସଂଘ ବାରମ୍ବାର ସରକାରଙ୍କୁ ଅନୁରୋଧ କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନି। ପ୍ରତିବାଦ ସ୍ୱରୂପ ପୂର୍ବରୁ ଏକାଧିଥର ଏଭଳି ପ୍ରତିବାଦ କରାଯାଇଥିବାବେଳେ ଏବେ ୧୦ଦିନିଆ ଆନ୍ଦୋଳନକୁ ଆପଣାଇଛି ସଂଘ।




# ଇଲେକ୍ଟ୍ରୋନିକ୍ସ ମ୍ୟାନୁଫ୍ୟାକ୍‌ଚରିଂକୁ ପ୍ରୋତ୍ସାହନ

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

**ଖୁବ୍‌ଶୀଘ୍ର ନୂତନ ଇଲେକ୍ଟ୍ରୋନିକ୍ସ ପଲିସି**

- ୨୦୨୫ ସୁଦ୍ଧା ଇଲେକ୍ଟ୍ରୋନିକ୍ସ ସେକ୍ଟରକୁ ସୁଦୃଢ଼ କରିବା ଲକ୍ଷ୍ୟ
- ନୂତନ ନୀତିରେ ପୁଞ୍ଜିନିବେଶ ଓ ନିଯୁକ୍ତିକୁ ଗୁରୁତ୍ୱ
- ସ୍ଥାନୀୟ ଉଦ୍ୟୋଗକୁ ମିଳିବ ସ୍ୱତନ୍ତ୍ର ପ୍ରୋତ୍ସାହନ
- ମହିଳା, ଦିବ୍ୟାଙ୍ଗଙ୍କ ପାଇଁ ଅତିରିକ୍ତ ସବ୍‌ସିଡି
- ଶିକ୍ଷାନୁଷ୍ଠାନରେ ଖୋଲିବ 'ସେଣ୍ଟର ଅଫ୍ ଏକ୍ସଲେନ୍ସ'

ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ମ୍ୟାନୁଫ୍ୟାକ୍ଚରିଂକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଆଣ୍ଡ ମ୍ୟାନୁଫ୍ୟାକ୍ଚରିଂ(ଇଏସ୍‌ଡିଏମ୍) ପଲିସି ବା ଇଲେକ୍ଟ୍ରୋନିକ୍ସ ନୀତି ଆଣିବେ। ଏନେଇ ଏକ ଡ୍ରାଫ୍ଟ ପଲିସି ପ୍ରସ୍ତୁତ ହୋଇଛି। ଏହାକୁ ଆସନ୍ତା ମାସେ କିମ୍ବା ଦୁଇମାସ ମଧ୍ୟରେ ଲାଗୁ କରାଯିବ ବୋଲି ବୁଧବାର ଇଆଣ୍ଡଆଇଟି ବିଭାଗ ପକ୍ଷରୁ ସୂଚନା ମିଳିଛି। ଇଏସ୍‌ଡିଏମ୍ ସେକ୍ଟରରେ ପୁଞ୍ଜି ନିବେଶକୁ ଦୁଇଗୁଣା କରିବା ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗକୁ ୩ ଗୁଣା କରିବା ଲକ୍ଷ୍ୟନେଇ ଏହି ନୀତି ଲାଗୁ କରାଯିବ। ୨୦୨୫ ସୁଦ୍ଧା ଇଲେକ୍ଟ୍ରୋନିକ୍ସ ସେକ୍ଟରରେ ଓଡ଼ିଶାର ଭାଗୀଦାରିକୁ ବୃଦ୍ଧି କରିବା ଏବଂ ପୁଞ୍ଜି ବିନିଯୋଗ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିବା ଏହି ନୀତିର ମୂଳ ଲକ୍ଷ୍ୟ ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ଉତ୍କୃଷ୍ଟ ଇଲେକ୍ଟ୍ରୋନିକ୍ସ ଭିତ୍ତିଭୂମି, ଜଳ ଓ ଖଣିଜ ସମ୍ପଦ, ଶକ୍ତି ଭିତ୍ତିଭୂମି, ସୁଦୃଢ଼ ଏମ୍‌ଏସ୍‌ଏମ୍‌ଇ ଏବଂ ଶିଳ୍ପ ଭିତ୍ତିଭୂମି, ଦକ୍ଷ ମାନବସମ୍ବଳ ଏହି ନୀତିକୁ ଫଳପ୍ରଦ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

ଏହି ନୂତନ ନୀତି ଅଧୀନରେ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏଥିରେ ଓଡ଼ିଶାରେ ପଞ୍ଜୀକୃତ ହୋଇଥିବା ଏବଂ ୫୦% ସ୍ଥାନୀୟ ଯୁବପିଢ଼ିଙ୍କୁ ନିଯୁକ୍ତ କରିଥିବା ଲୋକାଲ ଇଏସ୍‌ଡିଏମ୍ ୟୁନିଟଗୁଡ଼ିକୁ ସରକାର ଇନ୍‌ସେନ୍‌ଟିଭ୍ ଦେବାର ବ୍ୟବସ୍ଥା ରହିଛି। ସେହିଭଳି ଦ୍ରବ୍ୟ ଏବଂ ସେବା କିଣିବାରେ ମଧ୍ୟ ସରକାର ସ୍ଥାନୀୟ ଇଏସ୍‌ଡିଏମ୍ ୟୁନିଟକୁ ପ୍ରାଧାନ୍ୟ ଦେବେ। ବ୍ୟବସାୟିକ ଉଦ୍ୟୋଗର ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ବିଭିନ୍ନ ଇଞ୍ଜିନିୟରିଂ କଲେଜ, ଶିକ୍ଷାନୁଷ୍ଠାନ ସମେତ ବିପିୟୁଟିରେ ସେଣ୍ଟର ଅଫ୍ ଏକ୍ସଲେନ୍ସ ଏବଂ ଇନ୍‌କ୍ୟୁବେଶନ ସେଣ୍ଟର ପ୍ରତିଷ୍ଠା କରାଯିବ। ଏହି ସେଣ୍ଟର ଅଫ୍ ଏକ୍ସଲେନ୍ସ ଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକରେ ଉଦ୍ୟୋଗ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଇପାରିବ। ସେହିଭଳି ଇଏସ୍‌ଡିଏମ୍ ୟୁନିଟ୍ ପ୍ରତିଷ୍ଠା କ୍ଷେତ୍ରରେ ଟାୟର-୨ ଓ ଟାୟର-୩ ସହରରେ ପୌର ଟିକସରେ ବିଶେଷ ରିହାତି ପ୍ରଦାନ କରାଯିବ। ଗବେଷଣା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ଏଥିଲାଗି ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା ରହିବ। ୫୦କୋଟି ପର୍ଯ୍ୟନ୍ତ ଏଫ୍‌ସିଆଇ ତଥା ନିବେଶ କରୁଥିବା ଇଏସ୍‌ଡିଏମ୍ ୟୁନିଟଗୁଡ଼ିକୁ ଏଫ୍‌ସିଆଇର ୨୦% କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ସବ୍‌ସିଡି ପ୍ରଦାନ କରାଯିବ। ୫୦ରୁ ୨୫୦ କୋଟି ପର୍ଯ୍ୟନ୍ତ ନିବେଶ କରୁଥିବା ଇଏସ୍‌ଡିଏମ୍ ୟୁନିଟଗୁଡ଼ିକୁ ଏଫ୍‌ସିଆଇର ୨୫% ଏବଂ ୨୫୦ କୋଟିରୁ ଅଧିକ ନିବେଶ କରୁଥିବା ଇଏସ୍‌ଡିଏମ୍ ୟୁନିଟଗୁଡ଼ିକୁ ଏଫ୍‌ସିଆଇର ୩୦% କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ସବ୍‌ସିଡି ଦିଆଯିବ। ଦିବ୍ୟାଙ୍ଗ ଏବଂ ମହିଳା ଉଦ୍ୟୋଗୀଙ୍କୁ ଅତିରିକ୍ତ ୧୦% ତଥା ୫୦ ଲକ୍ଷ ପର୍ଯ୍ୟନ୍ତ ଇନ୍‌ଭେଷ୍ଟମେଣ୍ଟ ସବ୍‌ସିଡି ପ୍ରଦାନ କରାଯିବ। ଏହାବାଦ୍ ନିଯୁକ୍ତି ଏବଂ ଭଡ଼ା ବାବଦରେ ମଧ୍ୟ ଦିବ୍ୟାଙ୍ଗ ଏବଂ ମହିଳାମାନଙ୍କୁ ବିଶେଷ ରିହାତି ମିଳିବ। ଜମି ଅଧିଗ୍ରହଣ ଲାଗି ଏହି ନୀତିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଶିଳ୍ପ ନୀତି ୨୦୧୫ ଅଧୀନରେ ଇଡ୍‌କୋ ପକ୍ଷରୁ ରିହାତି ମୂଲ୍ୟରେ ଜମି ଯୋଗାଇ ଦିଆଯିବ। ଜମି କିଣିବା ସମୟରେ ଷ୍ଟାମ୍ପ ଡ୍ୟୁଟିକୁ ଶତପ୍ରତିଶତ ଛାଡ଼ କରଓଇଆର୍‌ସି ଗାଇଡ୍‌ଲାଇନ୍ ଅନୁଯାୟୀ ଇଏସ୍‌ଡିଏମ୍ ୟୁନିଟଗୁଡ଼ିକୁ ବିଦ୍ୟୁତ୍ ଶୁଳ୍କ ପ୍ରଦାନରେ ରିହାତି ଦିଆଯିବ। ଯୋଗ୍ୟ ଇଏସ୍‌ଡିଏମ୍ ୟୁନିଟ ପାଇଁ ବିଦ୍ୟୁତ୍ ବାବଦକୁ ପୈଠ କରିବାକୁ ଥିବା ଦେୟ ଏବଂ ପରିଦର୍ଶନ ଫି' ୫ବର୍ଷ ପାଇଁ ଛାଡ଼ କରାଯିବ। ପୂର୍ବ ନୀତି ଅନୁଯାୟୀ ପ୍ରୋତ୍ସାହନ ରାଶି ପାଇଥିବା ଉଦ୍ୟୋଗ ତଥା ସଂସ୍ଥାଗୁଡ଼ିକ ନୂତନ ନୀତିର ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେବେ। ନୂତନ ନୀତି ଆସିବା ପରେ ଯେଉଁ ଇଏସ୍‌ଡିଏମ୍ ୟୁନିଟ ବ୍ୟବସାୟିକଭାବେ କାର୍ଯ୍ୟକ୍ଷମ ହେବେ, ସେମାନେ ଏହାର ଲାଭ ନେଇପାରିବେ।

**ଡାକ୍ତର ଫେରାଇଦେଲେ**

# ରାସ୍ତାରେ ମହିଳାଙ୍କ ପ୍ରସବ

ଡେରାବିଶ, ୧୧।୧୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରଙ୍କ ଅବହେଳାର ଚିତ୍ର ବୁଧବାର ଦେଖିବାକୁ ମିଳିଛି। ଡାକ୍ତର ଫେରାଇଦେବା ପରେ ଗର୍ଭବତୀ ଥିବା ଜଣେ ମହିଳା ରାସ୍ତାରେ ପ୍ରସବ କରିଛନ୍ତି। ଏଭଳି ଘଟିଛି ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ନେତୁଆ ଗାଁର ସୁରେଶ ମଲ୍ଲିକଙ୍କ ଗର୍ଭବତୀ ସ୍ତ୍ରୀ ମଞ୍ଜୁଲତା (୩୦)ଙ୍କ କ୍ଷେତ୍ରରେ। ପୂର୍ବାହ୍ନରେ ସୁରେଶ ମଞ୍ଜୁଲତାଙ୍କ ସହ ଗାଁର ଆଶା ରତ୍ନମଞ୍ଜରୀ ମଲ୍ଲିକଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ଅଟୋ ଯୋଗେ ଚିକିତ୍ସା ନିମନ୍ତେ ଯାଇଥିଲେ। ଦାୟିତ୍ୱରେ ଥିବା ବିଭାଗୀୟ ଡାକ୍ତର ମଞ୍ଜୁଲତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବର୍ତ୍ତମାନ ପିଲା ଜନ୍ମ ହେବାର ସମୟ ହୋଇନାହିଁ, ଆହୁରି ଦେଢ଼ମାସ ବାକି ଅଛି ବୋଲି ସୁରେଶ ଓ ସ୍ତ୍ରୀ ମଞ୍ଜୁଲତାଙ୍କୁ ଡାକ୍ତର କହି ଫେରାଇ ଦେଇଥିଲେ। ସୁରେଶ ସ୍ତ୍ରୀଙ୍କୁ ଧରି ଘର ଅଭିମୁଖେ ଫେରୁଥିଲେ। ମାତ୍ର ଘରଠାରୁ ୩ କି.ମି.ଦୂର ସନ୍ଥପୁରାଠାରେ ମଞ୍ଜୁଲତା ଗର୍ଭଯନ୍ତ୍ରଣା ବଢ଼ି ଯାଇଥିଲା। ଫଳରେ ରାସ୍ତା କଡ଼ରେ ଆଶାକର୍ମୀଙ୍କ ସହାୟତାରେ ମଞ୍ଜୁଲତାଙ୍କ ଶିଶୁକନ୍ୟା ଜନ୍ମ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଜନନୀ ସୁରକ୍ଷା ଆମ୍ବୁଲାନ୍ସ ଯୋଗେ ସୁରେଶ ସ୍ତ୍ରୀ ଓ ନବଜାତ ଶିଶୁକନ୍ୟାଙ୍କୁ ଧରି ପୁନର୍ବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅପରାହ୍ନରେ ଯାଇଥିଲେ। ବର୍ତ୍ତମାନ ମଞ୍ଜୁଲତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଶିଶୁକୁ ଏସ୍‌ଏନ୍‌ସିୟୁରେ ଅବଜରଭେଶନରେ ରଖାଯାଇଛି। ଏ ସମ୍ପର୍କରେ ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳ କୁହନ୍ତି, ପ୍ରଶାସନିକ ଦାୟିତ୍ୱହୀନତା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ପ୍ରତ୍ୟେକ ଦିନ ଜିଲ୍ଲାରେ କିଛି ନା କିଛି ଘଟଣା ଘଟୁଛି। ସୁରେଶଙ୍କ ପ୍ରତି କରାଯାଇଥିବା ଅବହେଳା ପାଇଁ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନିତା ପଟ୍ଟନାୟକଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଅବଗତ ଅଛି। ଏହାର ତଦନ୍ତ ଲାଗି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଶିଶୁକନ୍ୟାଟି ସମୟ ପୂର୍ବରୁ ଜନ୍ମ ନେଇଥିବାରୁ ଓଜନ ଦେଢ କିଗ୍ରା ରହିଛି। ମା' ଓ ଶିଶୁ ଉଭୟେ ଏବେ ସୁସ୍ଥ ଅଛନ୍ତି।



## ନଦୀରୁ ବୃଦ୍ଧା, ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ,(ଡି.ଏନ୍.ଏ.)- ହିଞ୍ଜିଳି ଥାନା ଆଡ଼ପଡ଼ା ଫାଣ୍ଡି ଲକ୍ଷ୍ମୀପୁର ଘୋଡ଼ାହାଡ଼ ନଦୀରୁ ଗ୍ରାମର ରଙ୍ଗବତୀ ଦାଶ (୭୦)ଙ୍କ ମୃତଦେହ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଉଦ୍ଧାର କରିଛି। ସେ ସୋମବାର ନଦୀକୁ ଗାଧୋଇ ଯାଇ ନିଖୋଜ ଥିଲେ। ଏନେଇ ଥାନାରେ ନଂ.୩୨/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବୁଧବାର ମହିଗୁଡ଼ା ଗ୍ରାମର ଏକ ବିଲରୁ ଜନାର୍ଦ୍ଦନ ଲେଙ୍କା (୩୭)ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ବିଷକ୍ରିୟାରୁ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ନଂ.୩୩/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

**ସଂକ୍ଷେପରେ**

## ବାର୍ହା ଉପଦ୍ରବରେ ଧାନ ଫସଲ ନଷ୍ଟ

ଖଜୁରିପଡ଼ା,୧୧।୧୧(ଡି.ଏନ.ଏ.)-ଖଜୁରିପଡ଼ା ବ୍ଲକ ସୁତ୍ରୁକୁମ୍ପା ପଞ୍ଚାୟତ ରାଣୀପଥର ଗ୍ରାମରେ ଜଙ୍ଗଲୀ ବାର୍ହା ଉପଦ୍ରବରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ଏନେଇ ଚାଷୀ ମଧୁସୂଦନ ବେହେରା ସ୍ଥାନୀୟ ବନପାଳ ରଞ୍ଜିତ କୁମାର ଆପଟଙ୍କ ନିକଟରେ କ୍ଷତିପୂରଣ ପ୍ରଦାନ ପାଇଁ ଲିଖିତ ଅଭିଯୋଗ କରିଥିଲେ। ହେଲେ ୧୦ ଦିନ ବିତାଯାଇଥିଲେ ମଧ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳି ନାହିଁ। ମଧୁସୂଦନଙ୍କ କହିବା ପ୍ରକାରେ, ପାଖାପାଖି ୨ ଏକର ଜମିରେ ଚଳିତ ବର୍ଷ ଭଲ ଚାଷ ହୋଇଥିଲା। ସେଥିରୁ ପ୍ରାୟ ୮ କୁଇଣ୍ଟାଲ ଧାନକୁ ବାର୍ହା ନଷ୍ଟ କରି ଦେଇଛନ୍ତି। ଅଞ୍ଚଳରେ ଅନ୍ୟମାନଙ୍କର ମଧ କିଛି କିଛି ଫସଲ ନଷ୍ଟ ହୋଇଛି। ତେବେ କ୍ଷତିପୂରଣ ମିଳିଲେ ପରିବାର ଚଳିବ ବୋଲି ମଧୁସୂଦନ କହିଛନ୍ତି। ଏ ସମ୍ପର୍କରେ ବନପାଳଙ୍କ ପ୍ରତିକ୍ରିୟା ନେବାରୁ କ୍ଷତିଗ୍ରସ୍ତ ଫସଲର ତଦନ୍ତ କରାଯାଇ ରାଜସ୍ୱ ବିଭାଗକୁ ରିପୋର୍ଟ ଦିଆଯାଇଛି। ରିପୋର୍ଟ ଅନୁସାରେ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

## ବାଲି ବୋଝେଇ ୩ ଟ୍ରାକ୍ଟର ଜବତ, ୨ ଗିରଫ

ଆସିକା,୧୧।୧୧(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ ମାଧବରିଡ଼ା ଗ୍ରାମ ନିକଟ ଲୋହରାଖଣ୍ଡି ନଦୀରୁ ମଙ୍ଗଳବାର ରାତିରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୩ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁଶପଡା ଗ୍ରାମର ଗୌର କୁମାର ସାହୁ ଓ ଖଇରପୁଟୀ ଗ୍ରାମର ରୋଶନ ବେହେରା। ଏ ନେଇ ନଂ. ୩୨୪/୨୦ ଓ ୩୨୫/୨୦ରେ ପୃଥକ ଦୁଇଟି ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ଆହତ, ୨ ଗୋରୁ ମୃତ

ପାତ୍ରପୁର,୧୧।୧୧(ଡି.ଏନ.ଏ.)-ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ତାଡ଼କାସାହିରେ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ଗୋରୁଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଯୁବକ ଆହାତ ହୋଇଛନ୍ତି। ଘର ବାହାରେ ମାଗୁଣିଙ୍କ ୨ଟି ବଳଦ ବନ୍ଧା ହୋଇଥିବାବେଳେ ବର୍ଷା ହେବାଦ୍ୱାରା ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟ ଚାର୍ଜହୋଇ ମରି ଯାଇଥିଲେ। ବିଦ୍ୟାଧର ବେହେରା ମଧ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ମୃତ ଗୋରୁ ମାଲିକଙ୍କୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ୬୦ ବସ୍ତା ଗୁଟ୍‌ଖା ଜବତ, ଜଣେ ଗିରଫ

କାଶୀନଗର,୧୧।୧୧(ଡି.ଏନ୍.ଏ.)- କାଶୀନଗର ନୂତନ ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ରାତିରେ ପୋଲିସ ଟିମ୍ ଏକ ଗୁଟ୍‌ଖା ଗୋଦାମ ଉପରେ ଚଢ଼ାଉ କରିଥିଲା। ସେଠାରୁ ୬୦ ବସ୍ତା ଗୁଟ୍‌ଖା ଜବତ କରିବା ସହ ଗୋଦାମ ମାଲିକ ତ୍ରିପତି ପାତ୍ରଙ୍କୁ ଗିରଫ କରିଛି। ଏନେଇ ନଂ.୧୦୫/୨୦ରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କରୋନା କଟକଣା ଯୋଗୁ ଗୁଟ୍‌ଖା ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯାଇଥିବାବେଳେ ତ୍ରିପତି ଘରେ ଗଚ୍ଛିତ ରଖି ବ୍ୟବସାୟ ଚଳାଇଥିଲେ।

## ବାକି ଟଙ୍କା ମାଗିବାରୁ ହଣାକଟା ଘଟଣା, ୨ ଗିରଫ

ଗୋପାଳପୁର,୧୧।୧୧- ବାକିଟଙ୍କା ମାଗିବାକୁ ନେଇ ହଣାକଟା ଘଟଣାରେ ବୁଧବାର ଗୋଳନ୍ଥରା ପୋଲିସ ୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ମାନେ ହେଲେ ଦୁମ୍ପିଦୁମ୍ପି ଗ୍ରାମର ଶେଖ୍ କମଲ ଖାନ୍ ଓ ଶେଖ୍ ତକଧିର। ପୂର୍ବରୁ ଏହି ଘଟଣାରେ ୨ଜଣ ଗିରଫ ହୋଇଥିଲେ। ପ୍ରକାଶ ଯେ, ଗୋଳନ୍ଥରା ଥାନା ଦୁମ୍ପିଦୁମ୍ପି ଗ୍ରାମର ଅରୁଣ କୁମାର ବେହେରାଙ୍କ ଦୋକାନରୁ ଗ୍ରାମର ଶେଖ୍ ବୁଖାରୀ ଗାଡିରେ ପେଟ୍ରୋଲ ପକାଇଥିଲେ। ଏ ବାବଦରେ ୫୦ ଟଙ୍କା ବାକିଥିଲା। ଗତମାସ ୩୦ରେ ଅରୁଣ ଓ ବୁଖାରୀ ସାଙ୍ଗମାନଙ୍କ ସହ ତାସ୍ ଖେଳୁଥିଲେ। ସେଠାରେ ଅରୁଣ ବାକିଟଙ୍କା ବୁଖାରୀଙ୍କୁ ମାଗିଥିଲେ। ଏହାକୁ ନେଇ ବୁଖାରୀ ଓ ଅରୁଣଙ୍କ ସାଙ୍ଗମାନଙ୍କ ମଧରେ ବଚସା ହୋଇଥିଲା। ବୁଖାରୀ କାତିରେ ଅରୁଣଙ୍କ ସାଙ୍ଗ ହିମାଂଶୁ ଶେଖର ବ୍ରହ୍ମବ୍ରତଙ୍କୁ ଆକ୍ରମଣ କରିଥିଲେ। ପାଲଟା ଆକ୍ରମଣରେ ବୁଖାରୀ ମଧ ଆହତ ହୋଇଥିଲେ। ଏନେଇ ବୁଖାରୀଙ୍କ ଭାଇ ଶେଖ ରମଜାନ୍‌ଙ୍କ ଅଭିଯୋଗ କ୍ରମେ ଗୋଳନ୍ଥରା ପୋଲିସ ନଂ. ୩୧୪/୨୦ରେ ହତ୍ୟା ଉଦ୍ୟମ ମାମଲା ରୁଜୁକରିଥିଲା। ହିମାଂଶୁଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ମଧ ନଂ.୩୧୫/୨୦ରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିଲା। ଗତ ୨ ତାରିଖରେ ମାମଲା ନଂ.୩୧୪ରେ ତ୍ରିଲୋଚନ ମହାରଣା ଓ ଅରୁଣ କୁମାର ବେହେରାଙ୍କୁ ଗିରଫ କରାଯାଇଥିଲା। କମଲ ଓ ତକଧିରଙ୍କୁ ମାମଲା ନଂ.୩୧୫ରେ ବୁଧବାର ପୋଲିସ ଗ୍ରାମରୁ ଗିରଫ କରିଛି।

# ଆସୁଛି ଦୀପାବଳି, କମିନି ମାଟିଦୀପ ଚାହିଦା

ବ୍ରହ୍ମପୁର ଅଫିସ୧୧।୧୧

ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ଅନ୍ଧକାର ହେଉଛି ଦୁଷ୍ଟ ଓ ନକରାତ୍ମକ ଶକ୍ତିର ପ୍ରତୀକ। ତେଣୁ ଏହି ଦିନ ଆଲୋକ ମାଳାରେ ଘର ସୁସଜ୍ଜିତ କରି ରଖିଲେ ଶୁଭ ଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ଅନ୍ଧକାରକୁ କାଟିବା ପାଇଁ ଆଲୋକର ଆବଶ୍ୟକ ପଡେ। ଅମାବାସ୍ୟାର ଘନ ଅନ୍ଧକାରକୁ ଦୁରେଇଦେବା ପାଇଁ ଚାରିଆଡ଼େ ଆଲୋକ ଶିଖାରେ ଅନ୍ଧକାର ଦୂରେଇ ଯାଏ। ହିନ୍ଦୁ ଶାସ୍ତ୍ର ଅନୁସାରେ ମାଟି ଦୀପର ବେଶ୍ ଗୁରୁତ୍ୱ ଥାଏ। ଯେ କୌଣସି ଶୁଭ କାମ ହେଲେ ଦୀପର ଆବଶ୍ୟକ ପଡିଥାଏ। ଆଉ ଦୀପାବଳି ଆସିଲେ ଖୋଜା ପଡେ ମାଟିରେ ତିଆରି



ବିଭିନ୍ନ ଆକୃତିର ରଙ୍ଗ ବେରଙ୍ଗର ଦୀପ। ଏଲଇଡି ଓ ଲିଟୁ ଲାଇଟ ବ୍ୟବହାର ବଢିଥିଲେ ମଧ ନିଜର ଚମକ୍ ବଜାୟ ରଖିଛି ମାଟି ଦୀପ। ଚଳିତ ବର୍ଷ କୋରନା ମହାମାରୀ ଯୋଗୁ ସରକାର ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଜାରି କରିଛନ୍ତି। ତେଣୁ ଦୀପ ଚାହିଦା ବହୁ ଗୁଣରେ ବଢ଼ିଯାଇଛି। ବ୍ରହ୍ମପୁର ସହରରେ ବିଭିନ୍ନ ଛକ ବଜାରରେ ପସରା ମେଲାଇଲେଣି କାରିଗର ଦୀପ ପାଇଁ ମଧ ଲୋକ ମାନଙ୍କର ଆକର୍ଷଣ ଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ ବଜାରରେ ଚାଇନା ଲିଟୁ ଲାଇଟ୍ ଦେଖିବାକୁ ମିଳୁନାହିଁ। ଫଳରେ ମାଟିଦୀପର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହି ବର୍ଷର ଦୀପାବଳି ସ୍ୱଦେଶୀ ଆଲୋକରେ ଆଲୋକିତ ହେବ। ଦୀପ କାରିଗର ବନମାଳୀ ସାହୁ କୁହନ୍ତି, କୋରନା ପାଇଁ ବେପାର ମାନ୍ଦା ରହିଛି। ସରକାର ବାଣ ଫୁଟାଇବା ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ସେଥିପାଇଁ ବେପାର ଚାହିଦା ରହୁଛି। ଆଗ ଅପେକ୍ଷା ଦର ଉଚ୍ଚା ଥିବାରୁ ଲୋକମାନେ କମ୍ ନେଉଛନ୍ତି। ଆମର ଆଶା ଆଉ କିଛିଦିନ ଥିବାରୁ ବେପାର ଟିକେ ଭଲ ହେବ ବୋଲି ଅନୁମାନ କରିଛୁ।

# ଜବରଦଖଲ ଉଚ୍ଛେଦ ଦାବିରେ ଧାରଣା

କାଶୀନଗର,୧୧।୧୧(ଡି.ଏନ୍.ଏ.)

କାଶୀନଗରର ବହୁ ଉନ୍ନୟନ କାର୍ଯ୍ୟ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଦୀର୍ଘବର୍ଷ ହେଲା ଅଟକି ରହିଛି। ସରକାରୀ ଗୃହ, ଅଙ୍ଗନୱାଡି କେନ୍ଦ୍ର, ପାଠାଗାର, ଟାଉନ୍‌ହଲ୍, ମହିଳା ଗୋଷ୍ଠୀ ସାଧନ କେନ୍ଦ୍ର ପାଇଁ ଚିହ୍ନଟ ଜମି ପ୍ରଭାବଶାଳୀ ଲୋକ ଜବରଦଖଲ କରି ରଖିଛନ୍ତି। ଦୀର୍ଘବର୍ଷ ହେଲା ମାର୍କିଂ ହୋଇଥିଲେ ମଧ କାମ ଆଗେଇପାରୁନାହିଁ। ଜିଲାପାଳଙ୍କୁ ଅବଗତ ପରେ ସେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଏଯାବତ୍ ଜବରଦଖଲ ହଟିନାହିଁ। କାଶୀନଗର ଏନ୍‌ଏସି ପ୍ରଶାସକ ଭାବେ ଉପଜିଲାପାଳ ଦାୟିତ୍ୱରେ ଅଛନ୍ତି। ଜବରଦଖଲ ଉଚ୍ଛେଦ ନେଇ ବୁଧବାର କାଶୀନଗର ଏନ୍‌ଏସିର ୱାର୍ଡ ନଂ.୧,୨



ଏନ୍‌ଏସି ସମ୍ମୁଖରେ ବିକ୍ଷୋଭ କରୁଛନ୍ତି ଅଞ୍ଚଳବାସୀ।

**କାଶୀନଗର ଏନ୍‌ଏସି**

ଓ ୩ର ନାଗରିକମାନେ ଏନ୍‌ଏସି ସମ୍ମୁଖରେ ଧାରଣା ଦେଇଥିଲେ। ତୁରନ୍ତ ଜବରଦଖଲ ଉଚ୍ଛେଦ ପାଇଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟସମ୍ପୂର୍ଣ୍ଣା ରାଉତଙ୍କ ଜରିଆରେ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

# ତାରାତାରିଣୀ ମନ୍ଦିର ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଛତ୍ରପୁର,୧୧।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ବୁଧବାର ଜିଲାର ଆରାଧ୍ୟା ମା' ତାରାତାରିଣୀ ମନ୍ଦିର ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଅଞ୍ଚଳର କାର୍ଯ୍ୟ ସକାଶେ ଅଲଗା ଅଲଗା ଟେଣ୍ଡର ନ କରି ମିଶ୍ରିତ ଟେଣ୍ଡର କରି ଶୀଘ୍ର ତ୍ୱରାନ୍ୱିତ କରିବାକୁ ଜିଲାପାଳ ବୈଠକରେ କହିଥିଲେ। ପୀଠରେ ତିଆରି ହୋଇଥିବା ପାହାଚ ଯେଭଳି ନ ଭାଙ୍ଗିବ ସେଥିପ୍ରତି ଦୃଷ୍ଟି ଦେବା ଓ ମନ୍ଦିରର ସର୍ବାଙ୍ଗ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ସିଂହଦ୍ୱାରର ବହୁମୁଖୀ ସ୍ନାନ ମଣ୍ଡପ, ଯଜ୍ଞ ମଣ୍ଡପ, କମ୍ପ୍ଲେକ୍ସ ନିକଟରୁ ତଳକୁ ଯାଉଥିବା ରାସ୍ତାର ପ୍ରଶସ୍ତୀକରଣ,ରାସ୍ତା ପାର୍ଶ୍ୱ ଏମିନିଟି ସେଣ୍ଟର, ଦିଗନ୍ତ ଆଇବି, ଦୀପଗୃହ, ପ୍ରସାଦସେବନ ମଣ୍ଡପ, ଯାନବାହାନ ପ୍ରବେଶ ପଥରେ ଐତିହ୍ୟ ଦ୍ୱାର ନିର୍ମାଣ, ପାନୀୟଜଳ ଯୋଗାଣ, ମନ୍ଦିରର କେମିକାଲ ଟ୍ରିଟମେଣ୍ଟ ଓ ଆର୍ଥିଂ କାର୍ଯ୍ୟ, ମନ୍ଦିରକୁ ଯାଉଥିବା ପାହାଚରେ ବ୍ରାସ ଚେନ୍ କାର୍ଯ୍ୟ ଆଦି ସମସ୍ତ ଆନୁସଙ୍ଗିକ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ଭଞ୍ଜନଗର ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର କର, ପୁରୁଷୋତ୍ତମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ତହସିଲଦାର ତନ୍ମଜୟ ସାହୁ, କୋଦଳା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ପୁରୁଷୋତ୍ତମପୁର ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଲୋକନାଥ ନାୟକ, ଛତ୍ରପୁର ରାସ୍ତା ଓ କୋଠାବାଡି ବିଭାଗର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଟି. ଲୋକେଶ, ରାସ୍ତା ଓ କୋଠାବାଡି ବିଭାଗ ତାରାତାରୀଣୀ ମନ୍ଦିର ସହକାରୀ ଯନ୍ତ୍ରୀ ସୁରେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨ ମୃତ ବାର୍ହା ଜବତ, ଶିକାରୀ ଗିରଫ

ବୁଗୁଡ଼ା,୧୧।୧୧(ଡି.ଏନ.ଏ.)

ବୁଗୁଡ଼ା ବନାଞ୍ଚଳ ବିଷ୍ଣୁଚକ୍ର ଗ୍ରାମ ନିକଟ ଧାନ କ୍ଷେତରୁ ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଥାନୀୟ ବନ ବିଭାଗ ଜଣେ ଶିକାରୀକୁ ଗିରଫ କରିବା ସହ ୨ଟି ମୃତ ବାର୍ହା ଜବତ କରିଛି। ଅଭିଯୁକ୍ତ ହେଲେ ବୁଗୁଡ଼ା ଥାନା ଗୌଡ଼ିଆବୋରଦା ଗ୍ରାମର ଅରୁଣ ସ୍ୱାଇଁ। ତାଙ୍କଠାରୁ ବାଇକ୍, ୧୦ କେଜି ବିଦ୍ୟୁତ୍ ତାର ଏବଂ ଅନ୍ୟାନ୍ୟ ସରଞ୍ଜାମ ମଧ ଜବତ ହୋଇଛି। ପ୍ରକାଶ ଯେ, ଅରୁଣ ବିଷ୍ଣୁଚକ୍ର-ରାମଗଡ଼ ରାସ୍ତାର ପାର୍ଶ୍ୱରେ ଥିବା ଧାନ ବିଲରେ ୧୧ କେଭି ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର ପାଇଁ ଉଦ୍ୟମ କରିଥିଲେ। ଖବର ପାଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ


ଅଭିଯୁକ୍ତଙ୍କ ସହ ଜବତ ଦୁଇ ମୃତ ବାରହା।

ସତ୍ୟ ନାରାୟଣ ବେହେରାଙ୍କ ନିର୍ଦ୍ଦେଶରେ ବାଲିପଦର ବନପାଳ ସୁନୀତା ପାତ୍ର, ବୁଗୁଡ଼ା ବନପାଳ ଅଭିରାମ ଖିଲ, ବନରକ୍ଷୀ କ୍ଷୀରୋଦ କୁମାର ଗୌଡ଼ ଏବଂ ଫରେଷ୍ଟ ସ୍କ୍ୱାର୍ଡ କର୍ମଚାରୀମାନେ ପହଞ୍ଚି ତାଙ୍କୁ ଧରିଥିଲେ। ବ୍ୟବଚ୍ଛେଦ ପରେ ମୃତ ବାର୍ହାରକୁ ପୋତି ଦିଆଯାଇଛି। ବିଭାଗ କେସ ନଂ. ୪୧୨/୨୦-୨୧ରେ ଏକ ମାମଲା ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ବିଦ୍ୟାଳୟ ଉଚ୍ଛେଦ ପ୍ରତିବାଦରେ ବିକ୍ଷୋଭ

ଟିକିଟି,୧୧।୧୧(ଡି.ଏନ.ଏ.)

ଟିକିଟି ବ୍ଲକ୍ ଲାଲମେଣ୍ଟା ପଞ୍ଚାୟତ ବିରମେଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଚ୍ଛେଦ ପ୍ରତିବାଦରେ ବୁଧବାର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ଗ୍ରାମବାସୀ ବିକ୍ଷୋଭ କରିଥିଲେ। କେ.ନୂଆଗାଁ ପୋଲିସ୍ ପହଞ୍ଚି ବୁଝାଶୁଝା କରିଥିଲେ ମଧ ସେମାନେ ମାନି ନ ଥିଲେ। ପରେ ବିଇଓ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ହୋଇଥିଲା। ଏଥିରେ ପାତ୍ରପୁର ବିଇଓ କୁରେଶ୍ନ ସେଠୀ, ଏବିଇଓ ପ୍ରଭଞ୍ଜନ ପଣ୍ଡା, ଆର୍ତ୍ତତ୍ରାଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଇଓ ସରକାରଙ୍କ ଗାଇଡଲାଇନ୍ ଗୁଡିକ ବୁଝାଇବା ସହ ଦାବିଗୁଡିକ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କହି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିଦ୍ୟାଳୟକୁ ପୁନଃ ଥଇଥାନ ନ କରାଗଲେ ପୁଣି ଆନ୍ଦୋଳନ କରିବୁ ବୋଲି ଗ୍ରାମବାସୀ ଲିଖିତ ଆକାରରେ ଜଣାଇଥିଲେ। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟକୁ କିମି ଦୂର ଗୁମ୍ପାବିରସିଂହପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯିବ ବୋଲି ସରକାରଙ୍କ ନିର୍ଦ୍ଦେଶ ପରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଭାରପ୍ରାପ୍ତ ବିଇଓ କହିଛନ୍ତି, ପୂର୍ବରୁ ମଧ ଗ୍ରାମବାସୀ ବିକ୍ଷୋଭ କରିଥିଲେ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ବିଡିଓ ଗାଁକୁ ଯାଇ ତଦନ୍ତ କରି ରିପୋର୍ଟ ଦେଲେ ଯାହା ନିଷ୍ପତ୍ତି ନେବେ।

## ଓଏସ୍‌ଆରଟିସି କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ

ବ୍ରହ୍ମପୁର ଅଫିସ,୧୧।୧୦

ଓଏସ୍‌ଆରଟିସି କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୋକୁଳଧାମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସଭାପତି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଚୟନ କରାଯାଇଥିବା ବେଳେ ଅଜିତ କୁମାର ସ୍ୱାଇଁ ସମ୍ପାଦକ, ବାବୁଲା ପ୍ରଧାନ ଉପସଭାପତି, ଅରୁଣ କୁମାର ପାଢୀ ଲିଗାଲ ଆଡଭାଇଜର, ଅଜୟ ମହାନ୍ତି ସହ ସମ୍ପାଦକ ଓ ଶ୍ରୀକାନ୍ତ ଜେନା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହି ଅବସରରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଂଘ ସଭାପତି ତଥା ବିଧାୟକ ପଣ୍ଡା କର୍ମଚାରୀଙ୍କ ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ ସହ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଡିସେମ୍ବର ୧୫ରୁ କନ୍ଧମାଳରେ ଧାନକିଣା

ଫୁଲବାଣୀ ଅଫିସ, ୧୧।୧୧

କନ୍ଧମାଳ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ଏକ ବୈଠକ ଜିଲାପାଳ ଡ. ବୃନ୍ଦା ଡି.ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚାଷୀଙ୍କଠାରୁ ଧାନ କିଣିବା, ଠିକ ସମୟରେ ସେମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା କରିବା, ଏଥିରେ ସ୍ୱଚ୍ଛତା ଅବଲମ୍ବନ କରିବା, କୋଭିଡ୍-୧୯ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଆସନ୍ତା ଡିସେମ୍ବର ୧୫ରୁ ଧାନକ୍ରୟ ଆରମ୍ଭ ହେବ। ଏଥିରେ ୨୨ ମଣ୍ଡି ଓ ୨୨ ଲ୍ୟାମ୍ପସ ଅଂଶ ଗ୍ରହଣ କରିବେ। ଜିଲାରେ ୬,୧୧୦ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଧାନ କୁଇଣ୍ଟାଲ ପିଛା(ସାଧାରଣ) ସହାୟକ ମୂଲ୍ୟ ୧୮୬୮ଟଙ୍କା ଏବଂ ଏ ଗ୍ରେଡ଼ ମୂଲ୍ୟ ୧୮୮୮ଟଙ୍କା ଧାର୍ଯ୍ୟ ହୋଇଛି। ଚାଷୀ ଟୋକନ ପାଇବାଠାରୁ ୩୦ ଦିନ ମଧରେ ଧାନ ବିକ୍ରି କରିପାରିବେ। ଧାନ ଦେବାର ୪୮ ଘଣ୍ଟା ମଧରେ ବ୍ୟାଙ୍କ ଖାତାକୁ ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଥିବା ଜିଲା ଯୋଗାଣ ଅଧିକାରୀ ଭବାନୀ ପ୍ରସାଦ ଦାଶ କହିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଚାଷୀ ପ୍ରତିନିଧି ଅଭିରାମ ରଣା, ଜନକ ବେହେରା ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଅନ୍ୟମାନଙ୍କ ମଧରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଦେବେନ୍ଦ୍ର କୁମାର ସାମଲ, ବାଲିଗୁଡ଼ା ଉପଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଫୁଲବାଣୀ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦଙ୍କ ସମେତ ବିଭାଗୀୟ ଅଧିକାରୀ, ମିଲର ପ୍ରତିନିଧି ଯୋଗ ଦେଇଥିଲେ।

# କୁଳପତିଙ୍କ କେଏସ୍‌ୟୁବି କଲେଜ ପରିଦର୍ଶନ


କୁଳପତି ଅଧ୍ୟକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

ଭଞ୍ଜନଗର,୧୧।୧୧(ଡି.ଏନ୍.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ବୁଧବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସ୍‌ୟୁବି) କଲେଜ ପରିଦର୍ଶନରେ ଆସିଥିଲେ। ତାଙ୍କ ସହ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ଼. ସୁରେନ୍ଦ୍ର ନାଥ ସେଠୀ ମଧ ଥିଲେ। କୁଳପତି ଚକ୍ରପାଣି କଲେଜ ମୂଲ୍ୟାୟନ କେନ୍ଦ୍ର ପରିଦର୍ଶନ କରିଥିଲେ। କରୋନା ଆତଙ୍କ ଥମି ନଥିବା ବେଳେ ଅଧ୍ୟାପିକା, ଅଧ୍ୟାପକ ନିଷ୍ଠାର ସହ ମୂଲ୍ୟାୟନ କାର୍ଯ୍ୟରେ ସହଯୋଗ କରୁଥିବା ଯୋଗୁ ନିର୍ଦ୍ଧାରିତ ସମୟରେ ଫଳ ପ୍ରକାଶିତ ହୋଇପାରୁଛି। ଏଥିପାଇଁ କଲେଜ ଅଧ୍ୟକ୍ଷଙ୍କ ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାପରେ କୁଳପତି କଲେଜର ବିଭିନ୍ନ ବିଷୟରେ ଅଧ୍ୟକ୍ଷ ଡ଼. ନୀଳାଞ୍ଚଳ ମୁନିଙ୍କ ସହ ଆଲୋଚନା କରିଥିଲେ। ପରେ ସମସ୍ତ ବିଭାଗ ଅଧ୍ୟାପିକା, ଅଧ୍ୟାପକଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଚାଲିଥିବା ସମସ୍ତ କାର୍ଯ୍ୟକ୍ରମ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ଅଧ୍ୟାପିକା, ଅଧ୍ୟାପକମାନେ ଅଧିକ ଗବେଷଣା କରିବା ପାଇଁ କୁଳପତି ଚକ୍ରପାଣି ସମସ୍ତଙ୍କୁ ଆହ୍ୱାନ କରିଥିଲେ। କୁଳପତିଙ୍କ ଗସ୍ତ ସମୟରେ ପ୍ରଶାସନିକ ଅଧିକାରୀ ଡ଼. ସୁବାସ ଚନ୍ଦ୍ର ପ୍ରଧାନ, ସୁକାନ୍ତ କୁମାର ମିଶ୍ର, ଆର. ଏନ. ପାଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ବିନୋଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ ଖବରଦାତାଙ୍କ ପରିବାରକୁ ୧୫ଲକ୍ଷର ସହାୟତା

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

କରୋନା ଯୋଦ୍ଧା ତଥା କନ୍ଧମାଳ ଜିଲାରେ କାର୍ଯ୍ୟରତ ଖବରଦାତା ତାରିଣୀ ଚନ୍ଦ୍ର ପାଢ଼ୀ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଗତ ସେପ୍ଟେମ୍ବର ୨୯ରେ ଭୁବନେଶ୍ୱରସ୍ଥିତ କିମସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଥିଲେ। ଘୋଷଣା ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ୧୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି। ମୃତ ତାରିଣୀଙ୍କ ସ୍ତ୍ରୀ ସବିତା ଏହି ସହାୟତା ରାଶି ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ତାରିଣୀ 'ପ୍ରମେୟ' ଖବରକାଗଜର ପ୍ରତିନିଧି ଥିଲେ।

# ଅନଶନରେ ବସିଲେ ବୃଦ୍ଧ ବାପା

ପାରଳାଖେମୁଣ୍ଡି,୧୧।୧୧(ଡି.ଏନ୍.ଏ.)

**ପୁଅ-ବୋହୂ ପଚାରିଲେନି**

୮୭ ବର୍ଷୀୟ ଜଣେ ବୃଦ୍ଧଙ୍କୁ ତାଙ୍କ ପୁଅବୋହୂ ଅଣଦେଖା କରିବା ପ୍ରତିବାଦରେ ପାରଳାଖେମୁଣ୍ଡିସ୍ଥିତ ରାଜନଅର ସମ୍ମୁଖରେ ମଙ୍ଗଳବାର ଅନଶନରେ ବସିଥିଲେ। ଜିଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ଏବଂ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ପହଞ୍ଚି ବୃଦ୍ଧଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ସେ ଅନଶନରୁ ଓହରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାମ ମୋହନ ପଟ୍ଟନାୟକ (୮୭)ଙ୍କର ୪ ପୁଅ। ସେ ପାରଳାଖେମୁଣ୍ଡି ଏର୍ଦ୍ଦଳାସାହିସ୍ଥିତ ବାସଭବନରେ ଏକାକୀ ରହୁଛନ୍ତି। ୩ପୁଅ ବାହାରେ ଥିବାବେଳେ ବଡ଼ପୁଅ ପାଡାଲାସାହିସ୍ଥିତ ପୈତୃକ ଘରେ ରହୁଛନ୍ତି। ପୁଅ ଓ ବୋହୂ ବୃଦ୍ଧ ପିତାଙ୍କ ଯତ୍ନ ନେଉନାହାନ୍ତି। ବୟସାଧିକ୍ୟ ଯୋଗୁ ସେ ପାରଳା ଜଗନ୍ନାଥ ମନ୍ଦିରରେ ଖାଉଥିଲେ। ମାତ୍ର ଏର୍ଦ୍ଦଳାସାହିରୁ ମନ୍ଦିର ବହୁ ଦୂର




ହୋଇଥିବାରୁ ଯାତାୟାତ କଷ୍ଟକର ହେଉଛି। ତେଣୁ ବଡପୁଅ ରହୁଥିବା ପାଡାଲାସାହି ଘରକୁ ତାଙ୍କୁ ଦେଲେ ସୁବିଧା ହୁଅନ୍ତା ବୋଲି ସେ କହିଛନ୍ତି। ଗତମାସ ୧୪ରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ରାମମୋହନ ଧାରଣାରେ ବସିଥିବାବେଳେ ଜିଲା ପ୍ରଶାସନ ଥଇଥାନ ପ୍ରତିଶ୍ରୁତି ଦେଇଥିଲେ ମଧ କିଛି ବୁଝି ନ ଥିଲେ।

# ଶେରଗଡ଼ରେ ପ୍ରତିଷ୍ଠା ହେବ ଫୁଡ୍‌କୋର୍ଟ

ଶେରଗଡ଼,୧୧।୧୧(ଡି.ଏନ୍.ଏ.)

ଶେରଗଡ ବ୍ଲକଠାରେ ଏକ ଫୁଡ୍‌କୋର୍ଟ ଓ ଆତ୍ମନିର୍ଭରଶୀଳ ତାଲିମ ପାଇଁ ପ୍ରତିଷ୍ଠାନ ନିର୍ମାଣ ହେବ। ବୁଧବାର ଅପରାହ୍ନରେ ଅତିରିକ୍ତ ଜିଲାପାଳ ଅମିୟ କୁମାର ସାହୁ, ଇଡ୍‌କୋ ଜମି ସଂସ୍ଥାପନ ଅଧିକାରୀ ହରିଶ୍ଚନ୍ଦ୍ର ରାଉତ ଓ ଛତ୍ରପୁର ଉପଜିଲାପାଳ ପ୍ରିୟସ ରଞ୍ଜନ ପୃଷ୍ଟି ଶେରଗଡ଼ ଆସି ବ୍ଲକର ୩ଟି ଜାଗା ଦେଖିଥିଲେ। ପ୍ରଥମେ ନରେନ୍ଦ୍ରପୁର ରାଜସ୍ୱ ସର୍କଲର ପଥରପୁଞ୍ଜି, ପରେ ଟିକିଲି ମୌଜା ପଞ୍ଚୁଆଣି ପାକିଡି ପାହାଡ ପାଦଦେଶରେ ଥିବା ଜମି ଓ ବରମୁଣ୍ଡଳୀ ଗ୍ରାମଛକ ନୂଆବରିକୋଟ ବିଦ୍ୟୁତ୍ ସବ୍‌ଷ୍ଟେସନ ନିକଟରେ ଥିବା ୬ ଏକର ଜମି ଏବଂ ଦମକଳ କେନ୍ଦ୍ରଠାରେ ଥିବା ୬ଏକର ଜମି ଦେଖିଥିଲେ। ଗମନାଗମନ, ଶ୍ରମିକଙ୍କ ଯାତାୟାତ, ହିତାଧିକାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ଜାଗାରୁ ଗୋଟିଏ ଚିହ୍ନଟ କରାଯିବ। ଏହାର ମାନଚିତ୍ର ସହ ଜମିର ପ୍ରକାର, ମୌଜା, ମୋଟ ଜାଗାର ହିସାବ କରି ଗୁରୁବାର ପୂର୍ବାହ୍ନ ୧୧ଟା ସୁଦ୍ଧା ଅତିରିକ୍ତ ଜିଲାପାଳଙ୍କ ନିକଟରେ ତଥ୍ୟ ଦାଖଲ କରିବାକୁ କରଡାକଣା ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକଙ୍କ ସମେତ କରଡାକଣା ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

# ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ପ୍ରସ୍ତୁତି

ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.)

ଦିଗପହଣ୍ଡି ଅଞ୍ଚଳରେ ଲଘୁ ଖଣିଜ ଚୋରାଚାଲାଣ ରୋକିବାକୁ ତହସିଲ ପ୍ରଶାସନ ପକ୍ଷରୁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତହସିଲ କାର୍ଯ୍ୟାଳୟ ସଭା ଗୃହରେ ଆୟୋଜିତ ବୈଠକରେ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ବରିଷ୍ଠ କିରାଣୀ ଦୁର୍ଗାମାଧବ ପାଢ଼ୀ, ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ, ଅକ୍ଷୟ କୁମାର ମଲ୍ଲିକ, ସରସ୍ୱତୀ କଅଁର, ସନାତନ ରଣା, ଗିରିଜା ଭୂଷଣ ମଲ୍ଲିକ, ଯଜ୍ଞ ବେହେରା ପ୍ରମୁଖ ଉପସ୍ଥିତ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ବୃନ୍ଦ।

ଥିଲେ। ଲଘୁ ଖଣିଜ ଚୋରାଚାଲାଣ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତହସିଲ ଅଧୀନରେ ଥିବା ବିଭିନ୍ନ ବାଲିଘାଟ, ପଥର କ୍ୱାରି ସୈରାତ ଗୁଡ଼ିକ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ ସୂତ୍ରରେ ଲିଜ ନେଇଥିବା ନିଲାମଧାରୀମାନେ ପ୍ରତି ୧୫ ଦିନ ମଧରେ ତହସିଲ କାର୍ଯ୍ୟାଳୟରେ ସେମାନଙ୍କ ରିପୋର୍ଟ ଉପସ୍ଥାପନ କରିବା, ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ୱାଇ ଫାର୍ମ ସଠିକ ଭାବେ ପୂରଣ କରିବ. ମଞ୍ଜୁରିପ୍ରାପ୍ତ ମାଇନିଂ ପ୍ଲାନ ଅନୁସାରେ ବାଲି, ପଥର ଉତ୍ତୋଳନ କରିବା, ସମସ୍ତ ନିଲାମଧାରୀ ରାଜସ୍ୱ ବିଭାଗର ସମସ୍ତ ନୀତି ନିୟମକୁ ମାନି ଚଳିବା, ନିଲାମ ହୋଇନଥିବା ସୈରାତଗୁଡ଼ିକୁ ଜିଲା ପ୍ରଶାସନର ଅନୁମୋଦନ କ୍ରମେ ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବା ପାଇଁ ବୈଠକରେ ଆଗତ ପ୍ରସ୍ତାବକୁ ବିଧିବଦ୍ଧ ଭାବେ ଅନୁମୋଦନ କରାଯାଇଥିଲା। ବୈଠକରେ ବହୁସଂଖ୍ୟକ ସୈରାତ ନିଲାମଧାରୀ ଉପସ୍ଥିତ ଥିଲେ।

